## ସଂକ୍ଷେପରେ

### ସୀମାଞ୍ଚଳ ମିଶ୍ର କାମଚଳା ନିର୍ବାହୀ ଅଧିକାରୀ

ଅନୁଗୋଳ ଅଫିସ, ୪।୯- ଅନୁଗୋଳ ପୌର ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କୁ ପୌରପାଳିକା ନିର୍ବାହୀ ଅଧିକାରୀ ଭାବେ କାମଚଳା ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ନିର୍ବାହୀ ଅଧିକାରୀ ଆସିବା ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହି କାମ ଚଳାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ନିର୍ବାହୀ ଅଧିକାରୀ ଥିବା ଶୁଭେନ୍ଦୁ ଜେନା ମଧ ବିଧିବଦ୍ଧ ଭାବେ ନିର୍ବାହୀ ଯନ୍ତ୍ରୀ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ତେବେ ଆବର୍ଜନା ନିଷ୍କାସନ ସହରରେ ବଡ଼ ସମସ୍ୟା ହୋଇଥିବା ବେଳେ ଆଗକୁ ଆସୁଥିବା ପାର୍ବଣ ଋତୁରେ ଦେଖାଦେବାକୁ ଥିବା ବିଭିନ୍ନ ସମସ୍ୟା କିପରି ଦୂର କରାଯିବ ସେ ନେଇ ଉଦ୍ୟମ କରିବେ ବୋଲି ଦାୟିତ୍ୱ ନେବାପରେ ନିର୍ବାହୀ ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି।

### ପଞ୍ଚାୟତ ବିଜେଡି କର୍ମକର୍ତ୍ତା ଚୟନ

ଛେଣ୍ଡିପଦା,୪।୯(ଡି.ଏନ.ଏ.)- ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ପଞ୍ଚାୟତ ବିଜେଡିର ଏକ କର୍ମୀ ସମ୍ମିଳନୀ ମଙ୍ଗଳବାର ସ୍ଥାନୀୟ ମେଳାପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଶେଷଦେବ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତି ୱାର୍ଡରୁ ସଙ୍ଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ସର୍ବସମ୍ମତି କ୍ରମେ ଏକ ପଞ୍ଚାୟତସ୍ତରୀୟ କାର୍ଯ୍ୟକାରୀ କମିଟି ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରମୋଦ କୁମାର ମହାଲିକ, ସମ୍ପାଦକ ଭାବେ ସଂସାର ପ୍ରଧାନ, କୋଷାଧକ୍ଷ ଭାବେ ଶ୍ରୀକାନ୍ତ ପ୍ରଧାନ, ବରିଷ୍ଠ ସଦସ୍ୟ ଶେଷଦେବ ସାହୁ ଓ କିଶୋର ଚନ୍ଦ୍ର ରାଉଳଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ସେହିପରି ବୁଥ ସ୍ତରରେ ପ୍ରାୟ ୧୨ ଜଣ ସଦସ୍ୟଙ୍କୁ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧରେ ଦୁଃଖବନ୍ଧୁ ସାହୁ, ରବୀନ୍ଦ୍ର ସାହୁ, ସୁଶାନ୍ତ କୁମାର ପ୍ରଧାନ, ପ୍ରଫୁଲ୍ଲ ନାୟକ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଓଲଟିଲା ଆଇରନ ବୋଝେଇ ଟ୍ରକ୍

ଛେଣ୍ଡିପଦା,୪।୯(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା-ଅନୁଗୋଳ ୬୩ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲ ସିଆରିମାଳିଆ ନିକଟରେ ବୁଧବାର ଭାରସାମ୍ୟ ହରାଇ ଏକ ଆଇରନ ବୋଝେଇ ଟ୍ରକ ରାସ୍ତାପାର୍ଶ୍ୱରେ ଓଲଟି ପଡିଛି। ଘଟଣାରୁ ଜଣାପଡିଛି, ଦେବଗଡରୁ ଜିନ୍ଦଲ ଆଇରନ ନେଇ ଯାଉଥିବା ବେଳେ ସିଆରିମାଳିଆ ବୁଲାଣି ନିକଟରେ ବୁଧବାର ଟ୍ରକ୍(ଓଡି ୨୮-ସି ୯୭୫୫)ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଟ୍ରକ୍ ଚାଳକ ଓ ଖଲାସି ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଆକ୍ରମଣ, ଦୋକାନ ଭଙ୍ଗାରୁଜା ଅଭିଯୋଗ

ବଇଣ୍ଡା, ୪।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା କୁଆଝରୀ ଗ୍ରାମର ପବିତ୍ର ସାହୁଙ୍କୁ କଟରଙ୍ଗା ଗ୍ରାମର ରବୀନ୍ଦ୍ର ବେହେରା ଏକ ଟାଙ୍ଗିଆରେ ଆକ୍ରମଣ କରିବା ସହ ଏକ ଦୋକାନ ଭଙ୍ଗାରୁଜା କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ. ୧୫୦/୧୯ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, କଟରଙ୍ଗା ଗ୍ରାମରେ ଥିବା ଅମିତ ବେହେରାଙ୍କ ଦୋକାନକୁ ଉଭୟ ପବିତ୍ର ଓ ରବୀନ୍ଦ୍ର ଆସିଥିଲେ। ସାମାନ୍ୟ କଥାକୁ ନେଇ ପବିତ୍ର ଓ ରବୀନ୍ଦ୍ରଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରବୀନ୍ଦ୍ର ଏକ ଟାଙ୍ଗିଆରେ ପବିତ୍ରଙ୍କୁ ଆକ୍ରମଣ କରିବା ସହ ଅମିତଙ୍କ ଦୋକାନ ଭଙ୍ଗାରୁଜା କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ୮୬ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା, ୪।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ଧଉରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ନାଇସ କମ୍ପ୍ୟୁଟର ସେଣ୍ଟର ଓ ଯୁବଗୋଷ୍ଠୀ (କିଶୋରନଗର) ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଞ୍ଜୀବ କୁମାର ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ସତ୍ୟବ୍ରତ ଦେହୁରୀ, ବବୁନ ବିଶ୍ୱାଳ, ସୁଜିତ ବିଶ୍ୱାଳ, ରାକେଶ ବେହେରା, ଭବାନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମରୁ ମହିଳା ପୁରୁଷ, ଯୁବଗୋଷ୍ଠୀ ରକ୍ତଦାନ କରିଥିଲେ। ମୋଟ ୮୬ ୟୁନିଟ୍ ରକ୍ତ ଏହି ଶିବିରରେ ସଂଗ୍ରହ କରାଯାଇଥିଲା। ଡା. ରାମକୃଷ୍ଣ ପତି ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଧାନ ସାହି ପୂଜା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

■ଭାଲିଆସରକୁ ଛୁଇଁନି ବିକାଶ

# ହାତୀ, ଭାଲୁଙ୍କ ରାସ୍ତାରେ ଚାଲୁଛନ୍ତି କୁନି ପିଲା

ଛେଣ୍ଡିପଦା, ୪।୯(ସ୍ୱ.ପ୍ର.)

■ଗାଁରୁ ବାହାରିବାକୁ ଜଙ୍ଗଲ, ନଈ ଭରସା
■ନାହିଁ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର
■ଜରୁରିକାଳୀନ ସ୍ଥିତିରେ ଲୋକେ ହୀନସ୍ତା


ଗ୍ରାମ ନିକଟରେ ବହି ଯାଇଥିବା ଆଉଁଳୀ ନଈ।


ଜଙ୍ଗଲ ରାସ୍ତା।

ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଏଯାଏ ଉପକୃତ ହୋଇପାରି ନାହାନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତର ଭାଲିଆସର ଗ୍ରାମବାସୀ। ଏଠାକାର ଲୋକେ ବିକାଶର ରାସ୍ତାରେ ଚାଲିବା ତ ଦୂରର କଥା ଗାଁରୁ ବାହାରିବାକୁ ରାସ୍ତାଟିଏ ହୋଇପାରିନି। ନିକଟରେ ପ୍ରବାହିତ ଆଉଁଳୀ ନଈ ପାର ହେଲେ ବାହ୍ୟ ଜଗତ ସହ ଏହି ଗ୍ରାମବାସୀଙ୍କ ଯୋଗାଯୋଗ ସମ୍ଭବ ହୁଏ। ତେବେ ନଈ ନିକଟରେ ପହଞ୍ଚିବା ପୂର୍ବରୁ ଅତିକ୍ରମ କରିବାକୁ ପଡେ ୩ କିମିରୁ ଊର୍ଦ୍ଧ୍ୱ ଜଙ୍ଗଲ ରାସ୍ତା। କେବଳ ଗ୍ରାମର ମହିଳା ପୁରୁଷ ନୁହନ୍ତି ହାତୀ, ଭାଲୁ ପରି ବନ୍ୟପ୍ରାଣୀଙ୍କ ଏହି ଯାତାୟାତ ପଥରେ କୁନି କୁନି ପିଲାମାନେ ମଧ ବିପଦସଙ୍କୁଳ ଅବସ୍ଥାରେ ଯିବାଆସିବା କରିଥାନ୍ତି। ଏହି ଦୀର୍ଘଦିନ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ବି ସ୍ଥାନୀୟ ଜନ ପ୍ରତିନିଧି ଓ ବ୍ଲକ ପ୍ରଶାସନ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବ୍ଲକଠାରୁ ପ୍ରାୟ ୧୪ କିମି ଦୂରରେ ଥିବା ଏହି ଗାଁରେ ୪୦ରୁ ଊର୍ଦ୍ଧ୍ୱ ସମ୍ପ୍ରଦାୟର ୧୫୦ରୁ ଅଧିକ ପରିବାର ବାସ କରନ୍ତି। ଘରୁ ବାହାରିବାକୁ ରାସ୍ତାଟିଏ ନ ଥିବା ଗ୍ରାମର ଦୀର୍ଘ ଦିନର ସମସ୍ୟା। ନିକଟରେ ଥିବା ଏକ ଜଙ୍ଗଲ ରାସ୍ତା ଯିବା ପରେ ପଡେ ଆଉଁଳୀ ନଦୀ। ସେହି ନଦୀ ପାର ହୋଇ ଲୋକେ ଡଙ୍ଗାପାଳ, ନୂଆଗାଁ ପଞ୍ଚାୟତକୁ ଯାଇଥାନ୍ତି। ତେବେ ଉକ୍ତ ଜଙ୍ଗଲ ରାସ୍ତାରେ ଅଧିକାଂଶ ସମୟରେ ହାତୀ, ଭାଲୁ ଆଦି ବନ୍ୟପ୍ରାଣୀ ଯାତାୟାତ କରୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ସେହି ରାସ୍ତା ଅତିକ୍ରମ କରିଥାନ୍ତି। ଡଙ୍ଗାପାଳରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ କୁନି ପିଲାମାନେ ଉକ୍ତ ଜଙ୍ଗଲ ରାସ୍ତା ଦେଇ ଯାଇଥାନ୍ତି। ଏହି ଅସୁବିଧା ଯୋଗୁ ଜରୁରିକାଳୀନ ସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗ୍ରାମକୁ ଆସିପାରି ନ ଥାଏ। ସନ୍ଧ୍ୟା ହୋଇଗଲେ ଯିବାଆସିବା ଏକ ପ୍ରକାର ବନ୍ଦ ହୋଇଯାଏ। ଅନ୍ୟପକ୍ଷରେ ବର୍ଷା ଦିନେ ନଈରେ ପାଣି ବଢିଗଲେ ଯାତାୟାତ କଷ୍ଟକର ହୋଇପଡେ। ସେହିପରି ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟସେବାରୁ ମଧ ବଞ୍ଚିତ। ସେଠାରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଥିଲେ ହେଁ ଗମନାଗମନ ସୁବିଧା ନ ଥିବାରୁ ଅଧିକାଂଶ ସମୟରେ ଶିକ୍ଷକମାନେ ସ୍କୁଲକୁ ଆସିବା କଷ୍ଟକର ହୋଇପଡେ। ସେହିପରି ନିକଟରେ ଉଚ୍ଚ ଶିକ୍ଷା ପାଇଁ ବିଦ୍ୟାଳୟ ନ ଥିବାରୁ ୪ କିମି ଦୂର ନୂଆଗାଁ ସ୍ଥିତ ହାଇସ୍କୁଲ ଉପରେ ଗ୍ରାମବାସୀ ନିର୍ଭରଶୀଳ। ସେହିପରି ଗ୍ରାମରେ ନଳକୂଅଟିଏ ବି ନ ଥିବାରୁ ଲୋକେ ନିଜସ୍ୱ ଉଦ୍ୟମରେ କୂଅ ଖନନ କରି ସେହି ପାଣିକୁ ପାନୀୟ ଆକାରରେ ବ୍ୟବହାର କରୁଛନ୍ତି। ତୁରନ୍ତ ବ୍ଲକ ତଥା ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ଦୂର କରିବା ସହ ମୌଳିକ ସୁବିଧା ଯୋଗାଇଦେବାକୁ ଦାବି ହୋଇଛି।



“ରାସ୍ତା ସମସ୍ୟା ବାବଦରେ ଅବଗତ ଅଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଆଉଁଳି ନଦୀ ଉପରେ ଏକ ପୋଲ ତିଆରି ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ପ୍ରସ୍ତାବ ପଠାଯାଇଛି। ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ କରାଯିବ। ଏଥିସହ ଭାଲିଆସର ଗ୍ରାମବାସୀଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି ।

-ରୋମାଞ୍ଚଳ ଖମାରୀ, ବିଡିଓ



ଭାଲିଆସର ଗ୍ରାମ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଛେଣ୍ଡିପଦା ବିଡିଓଙ୍କ ସହିତ ଆଲୋଚନା କରାଯିବ। କିପରି ଗ୍ରାମବାସୀଙ୍କ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ ଏବଂ ସରକାରୀ ଯୋଜନାରେ ଗ୍ରାମର ସବୁ ହିତାଧିକାରୀ ସାମିଲ ହେବେ ସେ ଦିଗରେ ତୁରନ୍ତ ଦୃଷ୍ଟି ଦିଆଯିବ।

ସୁଶାନ୍ତ କୁମାର ବେହେରା, ଛେଣ୍ଡିପଦା ବିଧାୟକ

### କ’ଣ କୁହନ୍ତି ଗ୍ରାମବାସୀ



“ଗ୍ରାମରେ ରାସ୍ତା, ପାଣି ମୁଖ୍ୟ ସମସ୍ୟା। ଏକ ଖୋଲା କୂଅ ଉପରେ ଗ୍ରାମବାସୀ ନିର୍ଭରଶୀଳ। ପାଖରେ ଅଙ୍ଗନୱାଡି କେନ୍ଦ୍ରଟିଏ ବି ନାହିଁ। ଜଙ୍ଗଲରାସ୍ତାରେ ଛୋଟ ପିଲାଙ୍କୁ ଛାଡିବାକୁ ଭୟ ଲାଗୁଛି। କେହି ଦାବି ଶୁଣୁନାହାନ୍ତି।

-ଜେନାମଣି ସାହୁ



“ନଦୀ ପାର ହେଲେ ଗାଁରୁ ବାହାରି ହୁଏ। ବର୍ଷା ଦିନେ ଜଙ୍ଗଲର କେନାଲ ରାସ୍ତାରେ ଯିବା କଷ୍ଟକର। ରାଶନ ସାମଗ୍ରୀ ପାଇଁ ମଧ ଲୋକେ ହୀନସ୍ତା ହୋଇ ନଈ ପାର ହୁଅନ୍ତି। ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ମିଳିପାରୁନାହିଁ।

-ନରେନ୍ଦ୍ର ମୁଣ୍ଡା

### ବାପାଙ୍କୁ ମାଡ଼ ଘଟଣା: ପୁଅ ଗିରଫ

ବଇଣ୍ଡା, ୪।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶୁବାହାଳ ଗ୍ରାମର ରମା ପ୍ରଧାନଙ୍କୁ ତାଙ୍କ ପୁଅ ରସାନନ୍ଦ ପ୍ରଧାନ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ପୋଲିସ ମଙ୍ଗଳବାର ରସାନନ୍ଦଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ନଂ. ୧୪୫/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଜମିବାଡି ସମସ୍ୟାକୁ ନେଇ ରସାନନ୍ଦ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଥିଲା।

### ଲକ୍ଷ୍ମୀନାରାୟଣ ପୂଜା କମିଟି ବୈଠକ

ଅନୁଗୋଳ ଅଫିସ, ୪।୯

ଅନୁଗୋଳ ବଜାର ଛକ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଣୀସତୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ କମିଟିର ବରିଷ୍ଠ ସଭ୍ୟ ନନ୍ଦୁଲାଲ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। କମିଟିର ସମ୍ପାଦକ ଚନ୍ଦ୍ରକାନ୍ତ ଧଳ ଗତବର୍ଷ ପୂଜାର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କମିଟି ସଭାପତି ଭାବେ ସୁଧୀର ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଧଳ, ଉପସଭାପତି କମଲେସ ବର୍ମା, ସୁନିଲ ତୁଲସିଆନ୍, କୋଷାଧକ୍ଷ ବ୍ରଜବନ୍ଧୁ ଦେହୁରୀ, ସହସମ୍ପାଦକ ପ୍ରଶାନ୍ତ ପରିଡ଼ା ଓ କପିଲ ଫୋଗଲାଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ନିଝାର ଅଲ୍ଲୀ ଦାମାନୀ ବୈଠକ ପରିଚାଳନା କରିଥିଲେ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବଇଣ୍ଡା, ୪।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ଉରୁକୁଲା ପଞ୍ଚାୟତ ସେରେଣ୍ଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅଙ୍ଗପଡା କ୍ଲଷ୍ଟର ତରଫରୁ ବୁଧବାର ଅଙ୍ଗପଡା ତୁରୁଡା ନୋଡାଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଖୋଲଡଙ୍ଗିଆଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଆରସିସି ନରୋତ୍ତମ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସେରେଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ପ୍ରମୋଦ କୁମାର ପ୍ରଧାନ, ଜବାହରଲାଲ ପ୍ରଧାନ, ସିଆରସିସି ମନୋରଞ୍ଜନ ମାଝି ଯୋଗଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ତାଳଚେର,୪।୯(ନି.ପ୍ର.)

ତାଳଚେର ସାର କାରଖାନା ଆଞ୍ଚଳିକ ପ୍ରଜା ମହାସଂଘ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଏଫ୍‌ସିଆଇ ହାଉସିଂବୋର୍ଡ଼ କଲୋନୀସ୍ଥିତ ଅଙ୍ଗନୱାଡି କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଉପଦେଷ୍ଟା ପ୍ରମୋଦ କୁମାର ସାହୁ, ଉପସଭାପତି ହରମୋହନ ମିଶ୍ର, ସାମାଜିକକର୍ମୀ କ୍ଷୀରୋଦ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ତାଳଚେର ରକ୍ତଭଣ୍ଡାର ପକ୍ଷରୁ ଡାକ୍ତର ମାନସ ସାହୁଙ୍କ ନେତୃତ୍ୱରେ ପ୍ରସନ୍ନ ବେହେରା, ଲକ୍ଷ୍ମଣ ସାହୁ, ବିଜୟଲକ୍ଷ୍ମୀ ନାଏକ, କର୍ମଚାରୀ ସତ୍ୟବ୍ରତ ସାହୁ, ଚନ୍ଦ୍ରମଣି ନାଏକ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତସଂଗ୍ରହ କରିଥିଲେ। ଏଥିରେ ମୋଟ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଶୃଙ୍ଖଳିତ ହେଲେ ସଫଳତା ମିଳିବ

ତାଳଚେର,୪।୯(ନି.ପ୍ର.)



ଗଡତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ୟ ବର୍ଷ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ନିମନ୍ତେ ବୁଧବାର ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସହ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଅଧ୍ୟବସାୟ କଲେ ସଫଳତା ମିଳିପାରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଦିଲୀପ କୁମାର ପ୍ରଧାନ ଯୋଗଦେଇ ସମୟର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଉଗ୍ରସେନ ବେହେରା, ପ୍ରତିଷ୍ଠାତା ସଦସ୍ୟ ବନମାଳୀ ସାମଲ ଯୋଗଦେଇ ମହାବିଦ୍ୟାଳୟର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଗତ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ କଲେଜରେ ଏକ ସମ୍ମିଳନୀ କକ୍ଷର ଆଧୁନିକୀକରଣ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରିବା ସହ ଛାତ୍ରୀନିବାସ ନିମନ୍ତେ ଡିଏମ୍‌ଏଫ୍ ଫଣ୍ଡରୁ ୪୦ ଲକ୍ଷ ଟଙ୍କା ଅନୁଦାନ ଦେବା ଓ ଜଳଯୋଗାଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧକ୍ଷ ନରେନ୍ଦ୍ର କୁମାର ପଇକରାୟ ଏଥିରେ ଅଧକ୍ଷତା କରିଥିଲେ। ଅଧ୍ୟାପକ ରଞ୍ଜିତ ଗୁରୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ।

■ରାସ୍ତା ନିର୍ମାଣରେ ବିଳମ୍ବ

## ଠିକାସଂସ୍ଥାକୁ ବିଧାୟକଙ୍କ ତାଗିଦ୍



ପାଲଲହଡ଼ା, ୪।୯(ଡି.ଏନ.ଏ.)

ଦେବଗଡ ଜିଲା ତିଳେଇବଣିଠାରୁ ବିଞ୍ଜବାହାଲ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ୭୮ କିମି ରାସ୍ତା କାମରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ। ନିର୍ମାଣ କାର୍ଯ୍ୟରେ ମନ୍ଥରତା, ପୁରୁଣା ରାସ୍ତା ମରାମତି କରାଯାଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହେବା ପରେ ବୁଧବାର ଏ ସମ୍ପର୍କରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ବିଧାୟକଙ୍କ ସମେତ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଓରିଏଣ୍ଟାଲ ଷ୍ଟ୍ରକଚରାଲ ଇଞ୍ଜିନିୟରିଂ ଠିକାସଂସ୍ଥାର କର୍ମଚାରୀ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ରାସ୍ତାକାମରେ ବିଳମ୍ବକୁ ନେଇ ବିଧାୟକ ଠିକାସଂସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୧୪୯ ନଂ ଜାତୀୟ ରାଜପଥର ଫପଣ୍ଡ ଗ୍ରାମରୁ କନ୍ତଲା ପର୍ଯ୍ୟନ୍ତ ୧୫ କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଶୀଘ୍ର ଏହାର ମରାମତି କାମ ଶେଷ କରିବା ସହ ଯାତାୟାତ ସୁବିଧା ପାଇଁ ନୂତନ ରାସ୍ତାର ଏକ ପାର୍ଶ୍ୱକୁ ଖୋଲିଦେବାକୁ ବିଧାୟକ ଠିକାସଂସ୍ଥାକୁ କହିଥିଲେ। ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଠିକା ସଂସ୍ଥା ଲିଖିତ ଭାବେ ଜଣାଇଥିବା ସୂଚନା ମିଳିଛି।

■ବ୍ୟାଙ୍କ ସମୂହ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

# ବିନା ଦ୍ୱିଧାରେ ଋଣ ପ୍ରଦାନ ପାଇଁ ପରାମର୍ଶ

ଅନୁଗୋଳ ଅଫିସ,୪।୯



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ବ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମିଶନଶକ୍ତି ତରଫରୁ ବ୍ୟାଙ୍କ ଗୁଡ଼ିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଋଣ ପ୍ରଦାନ ଲକ୍ଷ୍ୟ ସ୍ଥିର କରାଯାଇଥିଲା। ଏହିଥିସହ ଉକ୍ତ ଋଣ ରାଶି ଉପରେ ସୁଧ ଦେୟ ରାଜ୍ୟ ମିଶନଶକ୍ତି ବହନ କରିବ ବୋଲି କୁହାଯାଇଥିଲା। ଏହି ଗୋଷ୍ଠୀମାନଙ୍କୁ ଏପ୍ରିଲ ୧ ତାରିଖଠାରୁ ୦% ସୁଧ ହାରରେ ଋଣ ପ୍ରଦାନ କରାଯିବ। ତେଣୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ପ୍ରଦାନରେ କୌଣସି ଦ୍ୱିଧା ପ୍ରକାଶ ନ କରିବାକୁ ଜିଲାପାଳ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ। ସେହିପରି ଗରିବ ଓ ନିଃସହାୟ ଲୋକମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ ବ୍ୟାଙ୍କଗୁଡ଼ିକ କୃଷି, ବ୍ୟବସାୟ ଓ ଶିକ୍ଷା ଋଣ ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ଗୌଡ଼ ବ୍ୟାଙ୍କଗୁଡ଼ିକର ସଫଳତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଓ ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ବ୍ୟାଙ୍କଗୁଡ଼ିକର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ସେପ୍ଟେମ୍ବର ୫ /୨୦୧୯ Dhenkanal, Thursday, September 5 / 2019

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଅଲଟରନେଟିଭ୍ ରିଦିମ ଥିଏଟରର ପ୍ରତିଷ୍ଠା ଦିବସ
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍
ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲରେ ଲାଗିଲା ୩୦୦୦ ଚାରା



**ପରଜଙ୍ଗ, ୪।୯(ଡି.ଏନ୍.ଏ.):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଖାଲପାଳ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ବନ ବିଭାଗ ସହାୟତାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରଜାତିରେ ୩ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଯାଇଥିଲା। ମୁଖ୍ୟଅତିଥି ଭାବେ ଜେଏମ୍ଏଫ୍‌ସି ଲୋକନାଥ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଚାରା ଲଗାଇ ଏହାର ଶୁଭାରମ୍ଭ କରିଥିଲେ। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ ଶଶିରେଖା ଦିୱାନୀ, ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କ ସମେତ ବହୁ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କୁ ଆକ୍ରମଣ ଅଭିଯୋଗ

**ଢେଙ୍କାନାଳ ଅଫିସ, ୪।୯**

ଦୁର୍ଘଟଣାର ପ୍ରତିବାଦ କରିବାରୁ ସ୍ଥାନୀୟ ଲକ୍ଷ୍ମୀବଜାର ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକ ଦୁର୍ଗାଚରଣ ଦାସ(୬୪)ଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ବାଇକ୍ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଦୁର୍ଗାଚରଣ ବାଇକ୍‌ରେ ପରିବା କିଣି ଘରକୁ ଆସୁଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ବାଇକ୍‌ରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଧମକଚମକ ଦେଇ ସେଠାରୁ ପଳାଇଥିଲେ। ଦୁର୍ଗାଚରଣ ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଘର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବାକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ଡାହାଣ ପାର୍ଶ୍ୱ କାନ୍ଧର ହାଡ଼ ଭାଙ୍ଗିଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### କନ୍ତାମିଲା ଉତ୍ସବମୁଖର

**ହିନ୍ଦୋଳ, ୪।୯(ଡି.ଏନ୍.ଏ.):** ବିଦ୍ୟାଦାତା ଗଣପତିଙ୍କ ଆବାହନକୁ ନେଇ ଉତ୍ସବମୁଖର ହୋଇଉଠିଛି ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତର କନ୍ତାମିଲା ଗ୍ରାମ। ସ୍ଥାନୀୟ ପୂଜା କମିଟି, ଯୁବକ ସଂଘ ଏବଂ କ୍ଲବ ପକ୍ଷରୁ ଆଡ଼ମ୍ବର ସହକାରେ ବିଘ୍ନ ବିନାଶକଙ୍କ ପୂଜାର୍ଚ୍ଚନା କରାଯାଉଛି। ଆକର୍ଷଣୀୟ ମଣ୍ଡପ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଝଲସି ଉଠିଛି ସମଗ୍ର ଅଞ୍ଚଳ। କନ୍ତାମିଲା, ଖଜୁରିଆମୁଣ୍ଡା, ନୂଆଡଇଲା, ଦିଅରପଶି, ବରଡ଼ାପାଳ, ବାଉଁଶପୋଖରୀ, ନୂଆକୋଟ ଆଦି ଗ୍ରାମରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ଚତୁର୍ଥୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। କେତେକ ସ୍ଥାନରେ ଖଡ଼ିଛୁଆଁ ସହ ପିଲାମାନେ ବିଦ୍ୟାରମ୍ଭ କରିଥିଲେ।

### ସଚେତନ କଲା ପୋଲିସ

**କଣିହାଁ,୪।୯(ଡି.ଏନ.ଏ.):** ସେପ୍ଟେମ୍ବର ୧ରୁ ଲାଗୁ ହୋଇଥିବା ନୂଆ ମୋଟରଯାନ ସଂଶୋଧନ ଆଇନ ସମ୍ପର୍କରେ କଣିହାଁ ପୋଲିସ ପକ୍ଷରୁ ଗାଡ଼ି ଚାଳକ, ଗାଡ଼ି ମାଲିକ ଓ ଜନସାଧାରଣଙ୍କୁ ସଚେତନ କରାଯାଇଛି। ବିଶେଷକରି କରି ଏହି ଆଇନରେ କି କି ନିୟମାବଳୀ ରହିଛି ସେ ସମ୍ପର୍କରେ ମଙ୍ଗଳବାର ଓ ବୁଧବାର ପୋଲିସ ତରଫରୁ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା। କିଛି ଦିନ ଏପରି ସଚେତନତା କାର୍ଯ୍ୟକ୍ରମ ପରେ ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ, ଓଆଇସି ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ପୂଜ୍ୟପୂଜାର ଅତୁଟ ସମ୍ପର୍କ

**ଆଜି ଗୁରୁଦିବସ**

ଅଜ୍ଞାନରୂପକ ଅନ୍ଧକାରରୁ ଆଲୋକର ମାର୍ଗ ଦେଖାନ୍ତି ଗୁରୁ। ସେଇଥିପାଇଁ ତ ଭାରତୀୟ ବୈଦିକ ପରମ୍ପରାରେ ଗୁରୁଙ୍କୁ ଚଳନ୍ତି ଈଶ୍ୱର ବୋଲି ବିବେଚନା କରାଯାଇଛି। ତେବେ ପରିବର୍ତ୍ତିତ ସମୟରେ ଶିକ୍ଷାର ଆଧୁନିକୀକରଣ ସହ ପୂଜ୍ୟପୂଜାର ଏହି ମହାନ୍ ପରମ୍ପରା ଦୋହଲିବା ଆରମ୍ଭ କଲାଣି। କେତେବେଳେ ଶିକ୍ଷକ ତ ଆଉ କେବେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିକୂଳ ଟିପ୍ପଣୀ ଶିରୋନାମା ପାଲଟୁଛି। ଗୁରୁ ଏବଂ ଶିଷ୍ୟ ମଧ୍ୟରେ ଥିବା ସମ୍ପର୍କର ଭାବଧାରାକୁ ଉଭୟେ ହୃଦୟଙ୍ଗମ ନ କଲେ ଭବିଷ୍ୟତ ପିଢ଼ି ପାଇଁ ବିପଦ ଘନେଇବ ବୋଲି ଆଶଙ୍କା ବ୍ୟକ୍ତ କଲେଣି ବୁଦ୍ଧିଜୀବୀ। ସେପ୍ଟେମ୍ବର ୫ ପବିତ୍ର ଗୁରୁଦିବସ ଉପଲକ୍ଷେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ନେଇ ଏହି ଉପସ୍ଥାପନା...

ରିପୋର୍ଟ: ସୁଧୀର କୁମାର ପରିଡ଼ା

### ଗୁରୁ ସବୁଠାରୁ ବଡ଼ ମାର୍ଗଦର୍ଶକ



ଛାତ୍ର ଜୀବନର ସବୁଠାରୁ ବଡ଼ ମାର୍ଗଦର୍ଶକ ହେଉଛନ୍ତି ଗୁରୁ। ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନ, ସେ କିପରି ସଂସ୍କାରୀ ହେବ ସେଥିପ୍ରତି ଶିକ୍ଷକ ସମସ୍ତ ଚେଷ୍ଟା କରିବା ଉଚିତ। ସେହିପରି ଛାତ୍ର ମଧ୍ୟ ଉତ୍ତମ ନାଗରିକ ହେବାକୁ ସଂକଳ୍ପବଦ୍ଧ ହୋଇ ଶିକ୍ଷାନୁଷ୍ଠାନ ଆସିବା ଦରକାର। ଯେଉଁ ଶିଷ୍ୟ ଗୁରୁଙ୍କ ଯେତେ ନିକଟତର, ସେ ସେତିକି ସଫଳ। ଏହାକୁ ହୃଦୟର ସହ ଅନୁଭବ କରିପାରିଲେ ପୂଜ୍ୟପୂଜାର ଅତୁଟ ସମ୍ପର୍କ ବଜାୟ ରହିବ।

-ଡ.ସୁରେଶ ମିଶ୍ର, ଅଧ୍ୟକ୍ଷ, ଇ-ଟେକ୍ ଆବାସିକ ବିଦ୍ୟାଳୟ

### ଶିକ୍ଷାର୍ଥୀ ହିଁ ଶିକ୍ଷକଙ୍କ ମର୍ଯ୍ୟାଦା ବୃଦ୍ଧି କରେ



ଗୁରୁଙ୍କଠାରୁ ସୃଷ୍ଟି ହୁଅନ୍ତି ପ୍ରଜ୍ଞା ପୁରୁଷ। ପୂର୍ବରୁ ଗୁରୁକୂଳରେ ଅଷ୍ଟାଦଶ ବିଦ୍ୟା ଶିକ୍ଷା ଦିଆଯାଉଥିଲା। ସମସ୍ତ ବିଷୟରେ ଶିକ୍ଷା ଲାଭ କରିବା ପରେ ଦେଶଗଠନ ଲାଗି ଛାତ୍ରଟିଏ ପ୍ରସ୍ତୁତ ହେଉଥିଲା। ଏପରି ଶିକ୍ଷା ଆଜିର ସମୟ ପାଇଁ ଏକାନ୍ତ ଜରୁରୀ। ଶିଷ୍ୟ ହିଁ ଗୁରୁଙ୍କର ମର୍ଯ୍ୟାଦା ବୃଦ୍ଧି କରିଥାଏ। ସେହିପରି ଶିକ୍ଷକ ହିଁ ଛାତ୍ରର ପ୍ରକୃତ ମାର୍ଗଦର୍ଶକ। ଏକଥାକୁ ଉଭୟେ ହୃଦୟଙ୍ଗମ କରିବା ଉଚିତ।

-ଶ୍ରୀରାମ ରାଉତ
ପ୍ରଧାନ ଶିକ୍ଷକ, ପଞ୍ଚାୟତିରାଜ ହାଇସ୍କୁଲ

### ଆନ୍ତରିକତା ରହୁ



ଗୁରୁ ହେଉଛନ୍ତି ଚଳନ୍ତି ଭଗବାନ। ହିନ୍ଦୁ ଶାସ୍ତ୍ରରେ ଶିକ୍ଷକଙ୍କୁ ସୃଷ୍ଟିକର୍ତ୍ତାଙ୍କ ସ୍ୱରୂପ ବୋଲି ବିବେଚନା କରାଯାଇଛି। ଭାରତୀୟ ସଂସ୍କୃତିରେ ଗୁରୁଙ୍କ ଆସନ ସବୁଠୁ ସ୍ୱତନ୍ତ୍ର। ଏବେ କିନ୍ତୁ ଲୋକଦେଖାଣିଆ ଭାବେ ପୂଜ୍ୟପୂଜାର ଏହି ମହାନ୍ ପରମ୍ପରାକୁ ପାଳନ କରାଯାଉଛି। ଏପରି ହେବା କଥା ନୁହେଁ, ଆନ୍ତରିକତା ସହିତ ଗୁରୁଙ୍କୁ ହୃଦୟରେ ସ୍ଥାନ ଦେଲେ ଗୁରୁଦିବସର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

-କୀର୍ତ୍ତିକଲ୍ଲୋଳ ସେନାପତି

### ଶିକ୍ଷଣୀୟ କଥା ଶିଖାଉଥିବା ପ୍ରତ୍ୟେକ ମଣିଷ ଗୁରୁ



ଶିକ୍ଷଣୀୟ କଥା ଶିଖାଉଥିବା ପ୍ରତ୍ୟେକଟି ମଣିଷଙ୍କୁ ଗୁରୁ ଭାବେ ଗ୍ରହଣ କରାଯାଇପାରେ। ଗୁରୁ ପୂଜନୀୟ। ବନ୍ଦନୀୟ ମଧ୍ୟ। ଏବେ ଏକଥାକୁ ବୁଝାଇବାକୁ ପଡୁଛି, ଯାହା ଶିକ୍ଷା ବ୍ୟବସ୍ଥା ପ୍ରତି ଶୁଭଙ୍କରୀ ନୁହେଁ। ଛାତ୍ରଟିଏ ପରିବାର ସଦସ୍ୟଙ୍କ ଭଳି ଶିକ୍ଷାଳୟରେ ଗୁରୁଙ୍କୁ ସମ୍ମାନ ଜଣାଇବା ଉଚିତ। ସେହିପରି ନିଜ ସନ୍ତାନ ସନ୍ତତିଙ୍କ ପରି ଶିକ୍ଷକ ମଧ୍ୟ ଶିକ୍ଷାର୍ଥୀଙ୍କୁ ବିଚାର କଲେ ଗୁରୁଦିବସର ମହାନ ପରମ୍ପରା ଆହୁରି ସୁଦୃଢ଼ ହେବ।

-ସ୍ମୃତିସ୍ୱାଗତିକା

### ସମ୍ପର୍କ ପାଠପଢ଼ାରେ ସୀମିତ ନ ରହୁ



ମା'ବାପା କେବଳ ଜନ୍ମ ଦିଅନ୍ତି। ହେଲେ ସମାଜରେ ଆଦର୍ଶ ଚରିତ୍ର ଗଠନ ଶିକ୍ଷା ଦିଅନ୍ତି ଗୁରୁ। କହିବାକୁ ଗଲେ ଗୁରୁଙ୍କ ହାତଧରି ଛାତ୍ରଟିଏ ବଞ୍ଚିବାର ରାହା ଦେଖିଥାଏ। ସମାଜ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ। ଗୁରୁ-ଶିଷ୍ୟର ପବିତ୍ର ସମ୍ପର୍କ କେବଳ ପାଠପଢ଼ାରେ ସୀମିତ ନ ରହୁ। ଉଭୟ ଶିକ୍ଷାର୍ଥୀ ଏବଂ ଗୁରୁ ଏହାର ଆତ୍ମସମୀକ୍ଷା କରିବା ଆବଶ୍ୟକ।

-ବିଜୟଲକ୍ଷ୍ମୀ ବିଶ୍ୱାଳ

## ■ହାତୀ ଉପଦ୍ରବରୁ ସୁରକ୍ଷା ଦାବି
# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ପରଜଙ୍ଗ, ୪।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ହାତୀ ଘଉଡ଼ାଇବାକୁ ଯାଇ ବନ ବିଭାଗର ସମସ୍ତ ଉଦ୍ୟମ ବିଫଳ ହେଉଛି। ହାତୀପଲ କବଳରୁ ଧନଜୀବନ ସୁରକ୍ଷା ଦାବିରେ ବୁଧବାର ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ହାତୀ ଚଲାପଥ ଦେଇ ଯାଇଥିବା ରାସ୍ତାପାର୍ଶ୍ୱରୁ ଲଟାବୁଦା ସଫେଇ, ହାତୀ ଉପଦ୍ରୁତ ଅଞ୍ଚଳକୁ କ୍ଷତିଗ୍ରସ୍ତ ଗ୍ରାମ ଘୋଷଣା, ହାତୀ ଆକ୍ରମଣରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି, ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ଆହତ ବ୍ୟକ୍ତିଙ୍କ ମାଗଣା ଚିକିତ୍ସା, କ୍ଷତିପୂରଣରୁ ବଞ୍ଚିତ ପରିବାରକୁ ତୁରନ୍ତ ସହାୟତା, ହାତୀ ଦ୍ୱାରା ବାସହରା ହୋଇଥିବା ପରିବାରକୁ ଆବାସ ଯୋଜନାରେ ସାମିଲ କରିବା, ହାତୀ ଚଲାପଥରେ ସୋଲାର ବାଡ଼ ନିର୍ମାଣ, ଟ୍ରେଞ୍ଚ ଖୋଳିବା ଆଦି ବିଷୟରେ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚର ରଞ୍ଜନ ରାଉତ, ଶେଷଦେବ ଆଚାର୍ଯ୍ୟ, ଲକ୍ଷ୍ମୀଧର ସାହୁ, ରବିନାରାୟଣ ପଣ୍ଡା, ସୁଧାକର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି।

ଏ ନେଇ ତହସିଲଦାର କୁହନ୍ତି, ଦାବିପତ୍ର ହସ୍ତଗତ ହୋଇଛି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଉଦ୍ୟମ କରାଯିବ। ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଉପଦ୍ରୁତ ଗ୍ରାମଗୁଡ଼ିକର କେତେକ ସ୍ଥାନରେ ସୋଲାର ବାଡ଼ ନିର୍ମାଣ କାର୍ଯ୍ୟ ଚାଲିଛି। କେତେକ ସ୍ଥାନରେ ଏହା ସମ୍ପୂର୍ଣ୍ଣ ହେଲାଣି। ଆଉ କିଛି ସ୍ଥାନରେ ଯୁଦ୍ଧକାଳୀନଭିତ୍ତିରେ କାମଚାଲିଛି। କେତେଜଣ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ଟଙ୍କା ଆସିଲେ ଖୁବ୍‌ଶୀଘ୍ର ସେମାନେ କ୍ଷତିପୂରଣ ପାଇବେ। ଏଥିସହ ରାସ୍ତା ପାର୍ଶ୍ୱରୁ ଲଟାବୁଦା ସଫା କରାଯିବ ବୋଲି ରେଞ୍ଜର ପ୍ରତିଶ୍ରୁତି ଦେଇଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ



ବୈଠକରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

**ପରଜଙ୍ଗ, ୪।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ପାଣିପଞ୍ଚାୟତ ସଭାଗୃହରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଏବଂ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତି ୱାର୍ଡରୁ ୨୫ଜଣ ସଭ୍ୟ ବଛାଯିବ। ସେଥିରୁ ୪ଜଣ ସକ୍ରିୟ ଏବଂ ଅନ୍ୟ ୨୧ ଜଣ ପ୍ରାଥମିକ ସଭ୍ୟ ରହିବେ। ସମସ୍ତଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବା ଅନିବାର୍ଯ୍ୟ। ଏହି କାର୍ଯ୍ୟକୁ ୨ମାସ ମଧ୍ୟରେ ଶେଷ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଉପାଧ୍ୟକ୍ଷା ବିଳାସିନୀ ସେଠୀ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଜିଲା ସମ୍ପାଦକ ଭୂପେଶ ପ୍ରଧାନ, କୋଷାଧ୍ୟକ୍ଷ ନରୋତ୍ତମ ସାହୁ, ସରପଞ୍ଚ ଗୌତମ ପାଣି, ପ୍ରିୟଜିତ୍ ସାମଲ, ସମିତିସଭ୍ୟ ମୀନକେତନ ସାମଲ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

## ପଦାର୍ଥ ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ଭୁବନ, ୪।୯(ଡି.ଏନ.ଏ.)**

ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। 'ମିଟ୍ ଗ୍ରାଫେନ୍: ଦି ନିୟୁ ୱାଣ୍ଡର ମେଟେରିଆଲ୍' ଶୀର୍ଷକ ବିଷୟରେ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରସ୍ଥିତ ସେଞ୍ଚୁରିଆନ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଉପ ପ୍ରାଧ୍ୟାପକ ଡ. ତପନ ଦାସ ଯୋଗଦେଇ 'ମିଟ୍ ଗ୍ରାଫେନ' ପଦାର୍ଥ, ଆଧୁନିକ ସମୟରେ ଏହାର ଉପକାରିତା ଏବଂ ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ଡ. ସତ୍ୟନାରାୟଣ ଦାସ, ସଞ୍ଜୟ କୁମାର ସାହୁ, ଜୀବନରାମ ସାହୁ, ପଦାର୍ଥ ବିଜ୍ଞାନର ସୁରେନ୍ଦ୍ର ଘୋଷ, ସୁନୀଲ ମହାରଣା, ପ୍ରାଣୀ ବିଜ୍ଞାନର ଅଧ୍ୟାପକ ଡ. ହରେକୃଷ୍ଣ ପଣ୍ଡାଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଶ୍ୱ ଟାଏକୋଣ୍ଡୋ ଦିବସ ପାଳିତ



ଅତିଥିଙ୍କ ଗହଣରେ ଟାଏକୋଣ୍ଡୋ ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୪।୯**

ଢେଙ୍କାନାଳ ସୁଲକ୍ଷଣା ଦେବୀ ବାଳିକା ହାଇସ୍କୁଲ ପରିସରରେ ବୁଧବାର ବିଶ୍ୱ ଟାଏକୋଣ୍ଡୋ ଦିବସ ପାଳିତ ହୋଇଯାଇଛି। ଏଥିସହ ମିଶନ ସୁରକ୍ଷା ଦ୍ୱାରା ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ 'ମିଶନ ସୁରକ୍ଷା'ର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ ଯୋଗଦେଇ କହିଲେ, ମିଶନ ସୁରକ୍ଷା ଦ୍ୱାରା ଜିଲାର ଛାତ୍ରୀ ଏବଂ ମହିଳାମାନେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆତ୍ମରକ୍ଷା ତାଲିମ ଗ୍ରହଣ କରିପାରିବେ। ଆଗାମୀ ଦିନରେ ପଞ୍ଚାୟତସ୍ତରରେ ଏହି ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଇନ୍ଦ୍ରଜିତ୍ ସାହୁ, ପ୍ରତାପ ନାୟକ, ସ୍ନେହାସୁଧା ଚୌଧୁରୀ, ସୁଶ୍ରୀ ସ୍ୱପ୍ନା, ଶୁଚିସ୍ମିତା ସାହୁ, ଇତିସ୍ମିତା ଚୌଧୁରୀ, ଆଦ୍ୟାଶା ପ୍ରିୟଦର୍ଶିନୀ, ସୁଶ୍ରୀ ଭାବନା, ସନ୍ତୋଷିନୀ ମହାପାତ୍ର ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ଧନ୍ୟବାଦ ଦେଇଥିଲେ।



କୁଞ୍ଜକାନ୍ତସ୍ଥିତ ବୁଲେଟ୍-୧୧ କ୍ଲବ, ଢେଙ୍କାନାଳ



ଜଗନ୍ନାଥରୋଡ ମହାବୀର ୟୁଥ୍ କ୍ଲବ, ଢେଙ୍କାନାଳ

# ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୪।୯**

ଢେଙ୍କାନାଳ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ କୋର୍ଟରେ ମଙ୍ଗଳବାର ସଦର ଥାନା କଦମପାଳ ଗ୍ରାମର ପ୍ରସନ୍ନ ନାୟକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ସିଜେଏମ୍ ମୁକ୍ତିରଞ୍ଜନ ଶତପଥୀ ମାମଲାର ଅଭିଯୁକ୍ତ ପ୍ରଭାକର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୨ ଏପ୍ରିଲ ୫ରେ ପ୍ରସନ୍ନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ ବଳଦ ନେଇ ଘରକୁ ଫେରୁଥିବାବେଳେ ସେହି ଗ୍ରାମର ପ୍ରଭାକର ନାୟକ ଏବଂ ପବିତ୍ର ନାୟକ ତାଙ୍କୁ ଫାର୍ସା ଏବଂ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ବଞ୍ଚାଇବାକୁ ଘଟଣାସ୍ଥଳରେ ପହଞ୍ଚିଥିବା ପ୍ରସନ୍ନଙ୍କ ସ୍ତ୍ରୀ ନିରୁପମା ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ନଂ. ୧୩୦/୧୨ରେ ଏକ ମାମଲା ରୁଜୁ ହୋଇଥିଲା। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଏହାପରେ ସେମାନେ ଜାମିନରେ ଆସିଥିଲେ। ଇତିମଧ୍ୟରେ ଅଭିଯୁକ୍ତ ପବିତ୍ରଙ୍କ ମୃତ୍ୟୁ ହୋଇସାରିଛି। ମାମଲାର ସିଟି ସେସନ୍ସ କେସ୍ ନଂ. ୧୨୪/୧୩ର ବିଚାର କରି ସିଜେଏମ୍ ଏହି ରାୟ ଶୁଣାଇଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ